## ସଂକ୍ଷେପରେ

### ଡମ୍ବସରା ଡିଗ୍ରୀ କଲେଜରେ ଆଲୋଚନା ଚକ୍ର




ଗୁଣପୁର, ୧୦।୧୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣୁପୁର ବ୍ଲକ ଅନ୍ତର୍ଗତ ଡମ୍ବସରା ଡିଗ୍ରୀ ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ତରଫରୁ ଗୁରୁବାର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। 'ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ତୃତୀୟ ପର୍ଯ୍ୟାୟ ଅପରିହାର୍ଯ୍ୟ କି' ଶିର୍ଷକ ଏହି ଆଲୋଚନାଚକ୍ରରେ ଥାୟାରାମ୍ମା ସ୍ନାତକ ମହିଳା ମହାବିଦ୍ୟାଳୟ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ସନ୍ତୋଷ କୁମାର ବିଶ୍ୱାସରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପକ ରତିକାନ୍ତ ମିଶ୍ର ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ସହିତ ଅଧ୍ୟକ୍ଷ ଡ଼. କୃଷ୍ଣଚନ୍ଦ୍ର ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ପାଠଚକ୍ରକୁ ଅଧ୍ୟକ୍ଷ ପରିଚାଳନା କରିଥିଲେ। କଲେଜର ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ହେମନ୍ତ କୁମାର ମଲ୍ଲିଫୁଲ ନିଜର ମତ ଉପସ୍ଥାପନା କରିଥିଲେ । ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ମାଝି, ରାମକୃଷ୍ଣ ସେନାପତି, ଶ୍ରୀକାନ୍ତ ରଥ, ଅଧ୍ୟାପିକା ଉମାବତି କାଡ୍ରାକା, ମିନି ଶବର, ମହେଶ୍ୱତା ପାଣିଗ୍ରାହୀ, ପ୍ରିୟା ମହାପାତ୍ର, ଡେମନଷ୍ଟ୍ରେଟର ହେମନ୍ତ କୁମାର ମଲ୍ଲିଫୁଲ, ଗ୍ରନ୍ଥାଗାର ଗଣେଶ ମଲ୍ଲିଫୁଲ, କ୍ରୀଡା ଶିକ୍ଷକ ସୁମନ ଶବର ପ୍ରମୁଖ ଉପସ୍ଥିତ ଥିଲେ।

### ନାଇଜେରିଆ, ଭୁବନେଶ୍ୱର ବିଜୟୀ ଇଣ୍ଟର ନ୍ୟାଶନାଲ ଗୋଲ୍ଡ କପ ଫୁଟ୍‌ବଲ ଟୁର୍ନାମେଣ୍ଟ

ବୋରିଗୁମ୍ମା, ୧୦।୧୧ (ବିଜୟ ସାହୁ)

ମା' ବୁଢ଼ୀ ଠାକୁରାଣୀ ଖଲାସୀ ସଂଘ ପକ୍ଷରୁ ଆୟୋଜିତ ଇଣ୍ଟର ନ୍ୟାଶନାଲ ଗୋଲଡ଼ କପ ଫୁଟବଲ ଟୁର୍ନାମେଣ୍ଟ ପୁରୁଣା ବୋରିଗୁମ୍ମା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଖଲାସୀ ସଂଘ ସଭାପତି ପଦ୍ମନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଅଭିନେତା ସବ୍ୟସାଚୀ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ବିଦେଶୀ ଟିମ୍ ନାଇଜେରିଆ ଓ ଭୋପାଲର ଧାନବାଦ ଟିମ୍ ମଧ୍ୟରେ ହୋଇଥିଲା। ଧାନବାଦକୁ ହରାଇ ନାଇଜେରିଆ ଟିମ୍ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କୋଲକାତାକୁ ପେନାଲଟି ସୁଟ୍‌ରେ ହରାଇ ଭୁବନେଶ୍ୱର ଟିମ୍ ବିଜୟୀ ହୋଇଥିଲା ମୁଖ୍ୟଅତିଥି ସବ୍ୟସାଚୀ ନିଜ ଶୈଳୀରେ ଚଳଚ୍ଚିତ୍ର ସଂଳାପ କହିବା ସହ ଫ୍ୟାନମାନଙ୍କ ଗହଣରେ ଗୀତ ଗାଇଥିଲେ। ପୁରୁଣା ବୋରିଗୁମ୍ମା ଫୁଟବଲ ଟୁର୍ନାମେଣ୍ଟର ପ୍ରତିଷ୍ଠାତା ବରିଷ୍ଠ ଆଇନଜୀବୀ ଲାଲୁ ଷଡଙ୍ଗୀଙ୍କ ଦିଗଦର୍ଶନରେ ଚଳିତ ବର୍ଷ ୧୬ଟି ଦଳକୁ ନେଇ ଏହି ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ସଂଘର ଆପୁ ଖାନ ମଞ୍ଚ ପରିଚାଳନା କରିଥିଲେ। ଉପ ସଭାପତି ବାବୁଲା ନାଗ, କୋଷାଧ୍ୟକ୍ଷ କୈଳାସ କଟିମ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ସେମିଳିଗୁଡ଼ା, ସୁନାବେଡ଼ା, ୧୦।୧୧ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ଶୁକ୍ରବାର ସକାଳ ସାଢେ ୭ଟା ବେଳେ ଏକ ସଡକ ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଟି.ତ୍ରିନାଥ (୫୮)। ସେମିଳିଗୁଡ଼ା ଥାନା ଦଲେଇଗୁଡ଼ା ପଞ୍ଚାୟତ ମାଲିଡୋଳିଆମ୍ବ ଗ୍ରାମ ବ୍ରିଜ୍ ନିକଟରେ ସେମିଳିଗୁଡ଼ାଠାରୁ କୁନ୍ଦୁଲି ଅଭିମୁଖେ ଯାଉଥିବା ମାରୁତି ଭ୍ୟାନ (ଓଆର୍ ୦୨ ବିଇ ୭୯୪୯) ସହ ବିପରୀତ ଦିଗରୁ ଆସୁଥିବା ଏକ ଟ୍ୟାଙ୍କର (ଏପି ୩୧ଟିଏଫ- ୬୩୯୫) ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଭ୍ୟାନ୍‌ରେ ବସିଥିବା ଟି.ତ୍ରିନାଥ (୫୮) ଓ ତାଙ୍କ ଡ୍ରାଇଭର ଗୁରୁତର ହୋଇଥିଲେ। ସେମିଳିଗୁଡା ଏଏସ୍ଆଇ ଦିଗନ୍ତ ପ୍ରଭୁ ସହାୟ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତ୍ରିନାଥଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଡ୍ରାଇଭରଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

# ସରପଞ୍ଚ, ସମିତି ସଭ୍ୟଙ୍କୁ ଗୁରୁମନ୍ତ୍ର ଦେଲେ ଜୁଏଲ

## ଭାଜପାର ଗ୍ରାମାଞ୍ଚଳ ଜନପ୍ରତିନିଧି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାୟଗଡ଼ା, ୧୦।୧୧ (ଆଶିଷ ରଞ୍ଜନ ପଣ୍ଡା)




ମଞ୍ଚରେ ଏମ୍‌ପି ଜୁଏଲ ଓରାମଙ୍କ ସହ ଉପସ୍ଥିତ ରାଜ୍ୟସ୍ତରୀୟ ନେତୃବୃନ୍ଦ।

ଭାଜପା ପକ୍ଷରୁ ରାୟଗଡ଼ା ଜିଲା କାର୍ଯ୍ୟାଳୟରେ ଆୟୋଜିତ ଗ୍ରାମାଞ୍ଚଳ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ପାଇଁ ୮ଟି ଜିଲାର ଭାଜପା ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ଏଥିସହ ଜନପ୍ରତିନିଧିମାନେ କେନ୍ଦ୍ର ସରକାର ଆଦୃତ ବିଭିନ୍ନ ଜନହିତକାରୀ ଯୋଜନା ବିଷୟରେ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ବୁଝାଇବାକୁ ପରାମର୍ଶ ଦେଇଥିଲେ । ପଞ୍ଚାୟତକୁ ଆସୁଥିବା ସରକାରୀ ଅନୁଦାନ କିଭଳି ବାଟମାରଣା ନ ହୋଇ ଜନକଲ୍ୟାଣରେ ନିୟୋଜିତ ହେବ ସେ ନେଇ ଶିବିରରେ ସମସ୍ତଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

ଏହି ଶିବିରରେ ସୁବର୍ଣ୍ଣପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ସମେତ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାର ଭାଜପା ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗଦେଇଥିଲେ । ଏହି ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଭାଜପା ରାଜ୍ୟ ସଂଗଠନ ସମ୍ପାଦକ ମାନସ ମହାନ୍ତି, ଉପସଭାପତି ରବି ନାୟକ, ସାଧାରଣ ସମ୍ପାଦକ ପୂର୍ଣ୍ଣିମା କେରକେଟା, ସମ୍ପାଦକ ପୂର୍ଣ୍ଣିମା ନାୟକ, ରମେଶ ସାହୁ, ପଛୁଆବର୍ଗ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ବେହେରା, ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ନୀଳାଦ୍ରି ବିହାରୀ ପାତ୍ର, ରାୟଗଡ଼ା ଜିଲା ସଭାପତି ଶିବ ପଟ୍ଟନାୟକ, କୋରାପୁଟ ଜିଲା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲ୍ଲାକା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରକୁ ଜିଲା ଉପସଭାପତି ପଦ୍ମନାଭ ଦାସ, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରତାପ ପୁଆଲା, ଯୁବମୋର୍ଚ୍ଚା ସଭାପତି ଉମେଶ ଖୋସ୍‌ଲା, ମହିଳା ମୋର୍ଚ୍ଚା ସଭାନେତ୍ରୀ ବୁରୁଡ଼ି ଲକ୍ଷ୍ମୀ, ଉପସଭାନେତ୍ରୀ କେ. ଅଶ୍ୱିନୀ, ନଗର ସଭାନେତ୍ରୀ ମଞ୍ଜୁଳା ମିଣିଆକା, ସାଧାରଣ ସମ୍ପାଦିକା ଝରଣା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଅଟୋ-ବାଇକ୍ ଧକ୍କା: ଜଣେ ମୃତ, ୨ ଗୁରୁତର

ଟିକିରି, ୧୦।୧୧ (ପ୍ରଫୁଲ୍ଲ କୁମାର ବେହେରା)



ରାୟଗଡ଼ା ଜିଲା କାଶୀପୁର ଥାନା ଅନ୍ତର୍ଗତ ଗୁଡିବାଲି ପଞ୍ଚାୟତର ବଡ଼ିବାଲି ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଟୋ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ହୋଇ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ମୃତକ ବାଇକ୍ ଚାଳକ ହେଲେ କଦମଚରା ଗ୍ରାମର ରାମ ମାଝି।

ରାମ କୌଣସି କାମରେ ବାଇକ୍ ଯୋଗେ କାଶୀପୁର ଆସି ଘରକୁ ଫେରୁଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକ ରାମ ମୃତ୍ୟୁବରଣ କରିଥିବାବେଳେ ଅଟୋରେ ବସିଥିବା ୨ ଯାତ୍ରୀ ଗୁରୁତର ହୋଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ କରୁଛି ।

# ରାମାୟଣ, ମହାଭାରତ, ଭାଗବତକୁ ନେଇ କୁଇଜ ପ୍ରତିଯୋଗିତା



ମେଡାଲ ସହ କୃତୀ ପ୍ରତିଯୋଗୀ।

ରାୟଗଡ଼ା, ୧୦।୧୧ (ଭାଗ୍ୟଶ୍ରୀ ମିଶ୍ର)

ଭାରତୀ ନୃସିଂହ ବାସ୍ତୁ ଏବଂ ଯୋଗ ଏକାଡେମୀ ପକ୍ଷରୁ ରାମାୟଣ, ମହାଭାରତ ଓ ଭାଗବତ ସମ୍ପର୍କିତ ଏକ କୁଇଜ ପ୍ରତିଯୋଗିତା ଶୁକ୍ରବାର ଆୟୋଜିତ ହୋଇଯାଇଛି। ଇନ୍ଦ୍ରାନଗର ୪ର୍ଥ ଲାଇନରେ ଥିବା ବାସ୍ତୁ ଏକାଡେମୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଯୋଗଦେଇ ଏକାଡେମୀ ପକ୍ଷରୁ କରାଯାଇଥିବା ଏପରି କାର୍ଯ୍ୟ ଯୁବପିଢ଼ିଙ୍କ ମଧ୍ୟରେ ଆଧାତ୍ମିକ ଚେତନା ପ୍ରତି ଆଗ୍ରହ ବଢାଇବ ବୋଲି କହିଛନ୍ତି । ଆଧୁନିକ ଯୁଗରେ ଯୁବପିଢ଼ିଙ୍କ ମଧ୍ୟରେ ରାମାୟଣ, ମହାଭାରତ, ଭାଗବତ ଜ୍ଞାନର ବୃଦ୍ଧି ତଥା ପୁରାତନ ସଂସ୍କୃତିର ପ୍ରସାର ପାଇଁ ଏଭଳି ପ୍ରୟାସ କରାଯାଉଥିବା ଏକାଡେମୀର ଏମ୍‌ଡି ନୃସିଂହ କୁମାର ବାହିନୀପତି କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଚାରକ ଭାବେ ସଂସ୍କୃତ ଶିକ୍ଷକ ଡ. ପ୍ରଦୀପ୍ତ କୁମାର ପଣ୍ଡା, ଡ. ତପନ କୁମାର ବରାଳ, ଡ. ଜ୍ଞାନରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ପଦକ ଦେଇ ସମ୍ମାନିତ କରାଯାଇଛି ।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସରିଗଲା




ଅତିଥିଙ୍କ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଛାତ୍ରୀମାନେ।

ପଦ୍ମପୁର, ୧୦।୧୧ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ ଅନ୍ତର୍ଗତ ଖିଲାମଣ୍ଡା ଅନୁସୂଚିତ ଜାତି ଜନଜାତି କଲ୍ୟାଣ ବିଭାଗ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସରିଗଲା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର, ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମପୁର ବ୍ଲକ ଅଧକ୍ଷା ମଣିମାଳା ଶବର, ଜିଲା ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭରତ ଭୂଷଣ ବିଶାଳ, ପଦ୍ମପୁର ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ରଥ, କଲେଜ ଅଧକ୍ଷ ସୁନୀଲ ପାଢ଼ୀ, ଖିଲାମଣ୍ଡା ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୁମକୁମ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଖେଳକୁଦ, ନାଚ ଗୀତ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନବମ ଶ୍ରେଣୀ ଛାତ୍ରୀ ସୁମିତ୍ରା ପାଣିଗ୍ରାହୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଆଦିବାସୀ ଛାତ୍ରୀଙ୍କ ଦ୍ୱାରା ଆମେ ରାୟଗଡିଆ ଏବଂ ସମ୍ବଲପୁରୀ ଗୀତ ନୃତ୍ୟ ଦର୍ଶକଙ୍କୁ ଖୁବ୍ ମନ୍ତ୍ରମୁଗ୍ଧ କରିଥିଲା। ପରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ପାଦିଲିବନ୍ଧ, ମାଳତୀପୁର, ବହୁପଦର, ସନ୍ଧୁଗୁଡା, ଖିଲାମଣ୍ଡା ଆଦି ବିଦ୍ୟାଳୟର ଛାତ୍ରୀମାନେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଟଙ୍କଧର ନାମୁଲିପୁରି, ସୁବାସ ଚନ୍ଦ୍ର ଗରଡିଆ, ବୃନ୍ଦାବନ ସାହୁ, ଇନ୍ଦ୍ରାଣୀ ଦାଶ, ସଂଯୁକ୍ତ ରଥ, ସୁନିତା କୁମାରୀ ତାରିଣିଆ, ଅନୁପମା ନାୟକ, ଲକେଶ୍ୱରୀ ବିଡିକା, କ୍ଷେତ୍ରବାସୀ ସ୍ୱାଇଁ, ଚନ୍ଦନ ବିଡିକା, ମୋହନ କିରିମିକା, ରାଜକିଶୋର ପାଣିଗ୍ରାହୀ, ବଂଶୀଧର ଶବର, ନରେନ୍ଦ୍ର ମାନିକାଙ୍କ ସହ ବହୁ ଅଭିଭାବକ, କର୍ମଚାରୀମାନେ ଯୋଗ ଦେଇଥିଲେ।

### ଡମ୍ପର ଜାଳିଦେଲେ ମାଓବାଦୀ

ମାଲକାନଗିରି, ୧୦।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡାରେ ଶୁକ୍ରବାର ମାଓବାଦୀମାନେ ନିଜର ସ୍ଥିତି ଜାହିର କରିବାକୁ ଯାଇ ଏକ ଡମ୍ପର ଗାଡିରେ ନିଆଁ ଲଗାଇ ଜାଳି ଦେଇଛନ୍ତି ଏହାକୁ ନେଇ ଉକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଦନ୍ତେୱାଡାର କିରନ୍ଦୁଲରେ ଥିବା ୧୪ ନମ୍ବର ଡମ୍ପିଂ ୟାର୍ଡ ଅଞ୍ଚଳରେ କେତେ ଜଣ ସଶସ୍ତ୍ର ମାଓବାଦୀ ପହଞ୍ଚି ଏନଏମଡିସି ପକ୍ଷରୁ କାର୍ଯ୍ୟରେ ନିୟୋଜିତ ଏକ ଡମ୍ପରରେ ନିଆଁ ଲଗାଇ ଦେଇଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପାଠଚକ୍ର

ଗୁଣପୁର, ୧୦।୧୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣୁପୁର ବ୍ଲକ ଅନ୍ତର୍ଗତ ଡମ୍ବସରା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ତରଫରୁ ଶୁକ୍ରବାର ଓଡ଼ିଆ ଭାଷା ସାହିତ୍ୟ ଜଗତରେ ସତ୍ୟବାଦୀ ଚିନ୍ତାଧାରା ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଗୁଡ଼ାରୀ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ଅମୁଲ୍ୟ କୁମାର ପ୍ରଧାନ ତାଙ୍କ ବକ୍ତବ୍ୟରେ ସତ୍ୟବାଦୀ ଯୁଗର ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ କଲେଜର ବିଭାଗୀୟ ମୁଖ୍ୟ ରାମକୃଷ୍ଣ ସେନାପତି, ବରିଷ୍ଠ ଅଧାପକ ଓ ପ୍ରିୟା ମହାପାତ୍ର ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। କଲେଜର ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଅଧକ୍ଷ ଡ଼. କୃଷ୍ଣଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସମସ୍ତ ଅଧାପିକା, ଅଧାପକ ଏବଂ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# କମ୍ପାନୀ ସହାୟତାରେ ସୁସ୍ଥ ହେଲେ ଲୋକନାଥ

## ଚିକିତ୍ସା ପାଇଁ ଅର୍ଥ ସାଜିଥିଲା ବାଧକ

ଟିକିରି, ୧୦।୧୧ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସାଗବାରୀ ଗ୍ରାମର ଆଦିବାସୀ ଯୁବକ ଲୋକନାଥ ମାଝି ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିଲେ। ତାଙ୍କର ବାମ ହାତ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ହେଲେ ଆର୍ଥିକ ଅଭାବ ଯୋଗୁ ଉନ୍ନତମାନର ଚିକିତ୍ସା କରି ନ ପାରି ଦେଶୀ ଚିକିତ୍ସା ଆପଣାଇବାକୁ ବାଧ ହୋଇଥିଲେ। ଲୋକନାଥ ଦୟନୀୟ ଅବସ୍ଥାରେ ବିଛଣାରେ ପଡ଼ି ଥିବାବେଳେ ମୈତ୍ରୀ ଇନଫ୍ରା କମ୍ପାନୀ ତାଙ୍କୁ ସହାୟତାର ହାତ ବଢ଼ାଇଥିଲା। ମୈତ୍ରୀ କମ୍ପାନୀ ଏମ୍‌ଡି ଶ୍ରୀନିବାସ ରାଓ ଲୋକନାଥଙ୍କୁ ବିଶାଖାପାଟଣାର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରିଥିଲେ । ୨୦ ଦିନ ଧରି ଚିକିତ୍ସା ପରେ ଏବେ ଲୋକନାଥ ୯୦ ପ୍ରତିଶତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସୂଚନାଯୋଗ୍ୟ, ସାଗବାରୀ ଗ୍ରାମର ଲୋକନାଥ କୁଶଳି କାରିଗର ନ ଥିଲେ ମଧ୍ୟ ଗାଁରେ କୌଣସି ବିଦ୍ୟୁତଜନିତ ତ୍ରୁଟି ହେଲେ ସେ ମରାମତି କରିଥାନ୍ତି । ଗତ ୩ ମାସ ପୂର୍ବେ ଗାଁରେ କୌଣସି କାରଣରୁ କିଛିଦିନ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସେ ୧୧ କେଭିଯୁକ୍ତ ଏକ ବିଦ୍ୟୁତ ଖୁଣ୍ଟରେ ଚଢ଼ି ମରାମତି କରୁଥିଲେ। ଅସାବଧାନତା ଯୋଗୁ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ।



# ୨୫୧ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

ରାୟଗଡ଼ା, ୧୦।୧୧ (ଭାଗ୍ୟଶ୍ରୀ ମିଶ୍ର)

ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଶୁକ୍ରବାର ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାର ଲାଭ ଉଠାଇବା ପାଇଁ କହିଥିଲେ। ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନସୂୟା ମାଝି, ରାୟଗଡା ପୌର ପରିଷଦ ଅଧକ୍ଷ ପି. ମହେଶ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁଲେସିକା, ମଣ୍ଡଳ ଶ୍ରମ ଆୟୁକ୍ତ ପ୍ରସନ୍ନ କୁମାର ପାଣିଗ୍ରାହୀ, ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୮୭ ଜଣ ପଞ୍ଜୀକୃତ ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ମୃତ୍ୟୁଜନିତ ସହାୟତା ରାଶି ବାବଦରେ ୧, ୭୩,୦୦,୦୦୦, ୮୭ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟାଜନିତ ସହାୟତା ରାଶି ସ୍ୱରୂପ ୪,୩୫,୦୦୦, ୨୦ ଜଣ ପଞ୍ଜୀକୃତ ହିତାଧିକାରୀଙ୍କ ସନ୍ତାନଙ୍କ ଶିକ୍ଷା ନିମନ୍ତେ ୧,୮୭,୪୦୦, ୪୬ ଜଣ ପଞ୍ଜୀକୃତ ହିତାଧିକାରୀଙ୍କ କନ୍ୟା ସନ୍ତାନଙ୍କ ବିବାହ ସହାୟତା ନିମନ୍ତେ ୨୨,୭୫,୦୦୦ ଓ ୧୧ ଜଣ ପଞ୍ଜୀକୃତ ମହିଳା ଶ୍ରମିକଙ୍କୁ ପ୍ରସୂତିକାଳୀନ ସହାୟତା ବାବଦରେ ୧,୧୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ସର୍ବମୋଟ ୨୫୧ ଜଣ ହିତାଧିକାରୀଙ୍କୁ ୨,୦୩,୦୭,୪୦୦ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ୫୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଅଣ ସଂଗଠିତ ୮ ଶ୍ରମିକଙ୍କୁ ମୃତ୍ୟୁକାଳୀନ ସହାୟତା ୮ ଲକ୍ଷ ପ୍ରଦାନ କରାଯାଇଛି । ଶେଷରେ ସହକାରୀ ଶ୍ରମ ଅଧିକାରୀ ସଞ୍ଜୟ ରଇତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସରକାରୀ ସ୍ତରରେ ଶ୍ରମିକଙ୍କ ପାଇଁ ବିଭିନ୍ନ ସହାୟତା ରାଶି ରହିଛି । ହେଲେ ସଚେତନ ଅଭାବ ଫଳରେ ଅନେକ ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟରେ ନିଜ ନାମ ପଞ୍ଜୀକରଣ କରୁ ନ ଥିବାରୁ ସରକାରଙ୍କ ସମସ୍ତ ସୁବିଧାରୁ ବଞ୍ଚିତ ରହୁଛନ୍ତି। ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକଙ୍କ ଅସୁବିଧା ହେଲେ ଶ୍ରମ କାର୍ଯ୍ୟାଳୟ ତରଫରୁ ସହାୟତା ମିଳିପାରୁ ନାହିଁ । ତେଣୁ ସରକାରୀ ଯୋଜନା ଗ୍ରାମାଞ୍ଚଳରେ ପହଞ୍ଚାଇବା ଜରୁରୀ ବୋଲି ବୁଦ୍ଧିଜୀବୀ କହିଛନ୍ତି ।




ଅତିଥିମାନେ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ଚେକ୍ ଦେଉଛନ୍ତି।

**କଂଗ୍ରେସର ସଂକୀର୍ତ୍ତନ ସତ୍ୟାଗ୍ରହ**

କୋରାପୁଟ/ନାରାୟଣପାଟଣା, (ଅମିତାଭ ବେହେରା/ରାଜକିଶୋର ଜେନା)- କୋରାପୁଟ କଂଗ୍ରେସ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ କୋରାପୁଟ ନଗର ଓ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଶାବର ଶ୍ରୀକ୍ଷେତ୍ର ସମ୍ମୁଖ ଏବଂ ଜିଲାର ବିଭିନ୍ନ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସଂକୀର୍ତ୍ତନ ସତ୍ୟାଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ନିମାଇଁ ସରକାର, କୃଷ୍ଣ କୁଲଦୀପ, ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ବାଖ୍ୟା, ଏମ୍‌ପି ପ୍ରତିନିଧି ଗୋପୀନାଥ ପଲେଇ, ମହାଦେଇପୁଟ ସରପଞ୍ଚ ଗୋପୀନାଥ ମୁଦୁଲି ଉପସ୍ଥିତ ଥିଲେ। ସେହିପରି ନାରାୟଣପାଟଣା ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ଆୟୋଜିତ ସଂକୀର୍ତ୍ତନ ସତ୍ୟାଗ୍ରହ କାର୍ଯ୍ୟକ୍ରମ ବ୍ଲକ କଂଗ୍ରେସ କମିଟି ସଭାପତି ବିଭୀଷଣ ମହାନନ୍ଦିଆଙ୍କ ନେତୃତ୍ୱରେ ହୋଇଥିଲା।



## ନାଇଜେରିଆ, ଭୁବନେଶ୍ୱର ବିଜୟୀ ଇଣ୍ଟର ନ୍ୟାଶନାଲ ଗୋଲ୍ଡ କପ ଫୁଟ୍‌ବଲ ଟୁର୍ନାମେଣ୍ଟ

ବୋରିଗୁମ୍ମା, ୧୦।୧୧ (ବିଜୟ ସାହୁ)

ମା' ବୁଢ଼ୀ ଠାକୁରାଣୀ ଖଲାସୀ ସଂଘ ପକ୍ଷରୁ ଆୟୋଜିତ ଇଣ୍ଟର ନ୍ୟାଶନାଲ ଗୋଲଡ଼ କପ ଫୁଟବଲ ଟୁର୍ନାମେଣ୍ଟ ପୁରୁଣା ବୋରିଗୁମ୍ମା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଖଲାସୀ ସଂଘ ସଭାପତି ପଦ୍ମନ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଅଭିନେତା ସବ୍ୟସାଚୀ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ବିଦେଶୀ ଟିମ୍ ନାଇଜେରିଆ ଓ ଭୋପାଲର ଧାନବାଦ ଟିମ୍ ମଧ୍ୟରେ ହୋଇଥିଲା। ଧାନବାଦକୁ ହରାଇ ନାଇଜେରିଆ ଟିମ୍ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କୋଲକାତାକୁ ପେନାଲଟି ସୁଟ୍‌ରେ ହରାଇ ଭୁବନେଶ୍ୱର ଟିମ୍ ବିଜୟୀ ହୋଇଥିଲା ମୁଖ୍ୟଅତିଥି ସବ୍ୟସାଚୀ ନିଜ ଶୈଳୀରେ ଚଳଚ୍ଚିତ୍ର ସଂଳାପ କହିବା ସହ ଫ୍ୟାନମାନଙ୍କ ଗହଣରେ ଗୀତ ଗାଇଥିଲେ। ପୁରୁଣା ବୋରିଗୁମ୍ମା ଫୁଟବଲ ଟୁର୍ନାମେଣ୍ଟର ପ୍ରତିଷ୍ଠାତା ବରିଷ୍ଠ ଆଇନଜୀବୀ ଲାଲୁ ଷଡଙ୍ଗୀଙ୍କ ଦିଗଦର୍ଶନରେ ଚଳିତ ବର୍ଷ ୧୬ଟି ଦଳକୁ ନେଇ ଏହି ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ସଂଘର ଆପୁ ଖାନ ମଞ୍ଚ ପରିଚାଳନା କରିଥିଲେ। ଉପ ସଭାପତି ବାବୁଲା ନାଗ, କୋଷାଧ୍ୟକ୍ଷ କୈଳାସ କଟିମ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ଓଲଟିଲା କାଠ ବୋଝେଇ ଟ୍ରକ୍

ଦଶମନ୍ତପୁର, ୧୦।୧୧ (ଅରବିନ୍ଦ ନାୟକ)

ଦଶମନ୍ତପୁର ବ୍ଲକ ଗାଦିଆଗୁଡ଼ା ପଞ୍ଚାୟତର ପରଜା ଗଦ୍ରି ଛକ ନିକଟରେ ଶୁକ୍ରବାର ଭାରସାମ୍ୟ ହରାଇ ଏକ କାଠ ବୋଝେଇ ଟ୍ରକ୍ (ଏମ୍‌ଏଚ୍ ୩୪ବିଜି-୨୭୮୮) ଓଲଟି ପଡ଼ିଛି। କାଠ ଧରି ବିକ୍ରୟ ପାଇଁ ବାଲିଘାଟ ଅଭିମୁଖେ ଯାଉଥିବା ବେଳେ ଟ୍ରକ୍‌ଟି ଉପରୋକ୍ତ ଛକରେ ଓଲଟି ପଡିଥିଲା। ଡ୍ରାଇଭର ହେଲ୍‌ପରଙ୍କ କିଛି କ୍ଷତି ହୋଇନାହିଁ।

# ଜିଲାରେ ଶୁଭାରମ୍ଭ ହେଲା ୧୨୦ କୋଟି ଟଙ୍କାର ଉନ୍ନୟନ ପ୍ରକଳ୍ପ

**କୋରାପୁଟ/ଜୟପୁର/ନନ୍ଦପୁର/ପଟ୍ଟାଙ୍ଗି/କୁନ୍ଦୁରା/ ନାରାୟଣପାଟଣା/ସେମିଳିଗୁଡା/ ୧୦।୧୧ (ଅମିତାଭ ବେହେରା/ପବନ ପାଣିଗ୍ରାହୀ/ ଶଙ୍କର ପୂଜାରୀ/ଶରତ ଧଳ/ସନ୍ତୋଷ ପ୍ରହରାଜ/ ରାଜ ଶେଖର ଜେନା/ ବାସୁଦେବ ବରାଡ)**

କୋରାପୁଟ ସଦର ମହକୁମାରେ ଥିବା ପୋଲିସ ପଡ଼ିଆଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲା ପାଇଁ ୧୨୦ କୋଟି ଟଙ୍କା ବ୍ୟୟରେ ୩ ହଜାର ୮୭ଟି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଘୋଷଣା କରାଯାଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ଏହି ଅବସରରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ କୋରାପୁଟ ଜିଲାର ୧୪ଟି ବ୍ଲକର ସଦର ମହାକୁମାରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଜିଲାର ସମସ୍ତ ବିଧାୟକଙ୍କ ସମେତ ସମସ୍ତ ଲୋକ ପ୍ରତିନିଧି, ଜିଲାସ୍ତରୀୟ ନୋଡାଲ ଅଧିକାରୀ, ମିଶନ ଶକ୍ତି ମହିଳାମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପ୍ରତି ଗ୍ରାମକୁ ସଡ଼କ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଭଳି ସାଧାରଣ ସୁବିଧା ପହଞ୍ଚିପାରିବ ବୋଲି ଜିଲାବାସୀ ଆଶା ପ୍ରକାଶ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଆହାର କେନ୍ଦ୍ରର ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି। ଡିସେମ୍ବର ପ୍ରଥମ ସପ୍ତାହରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ ହେବାକୁ ଥିବା ବେଳେ ସେହି ବସ୍‌ରେ ଯାତାୟାତ ଲାଗି ମହିଳାମାନଙ୍କ ପାଇଁ ୫ ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି। ପ୍ରତି ଗର୍ଭବତୀ ମହିଳାଙ୍କୁ ୫ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷ ପାଣ୍ଡିଆନ ପ୍ରକାଶ କରିଥିଲେ। ଜିଲାର ୧୪ଟି ବ୍ଲକରେ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୭୦ ହଜାର ଲୋକ ଯୋଗ ଦେଇଥିଲେ। କୋରାପୁଟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ନେତା ଈଶ୍ୱର ପାଣିଗ୍ରାହୀ, କୋରାପୁଟ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲା ପରିଷଦ ସଦସ୍ୟ ରଘୁ ଜାନି, ପାର୍ବତୀ ମସ୍ତି, ଉପଜିଲାପାଳ ବେଣୁଧର ଶବର, ବିଡିଓ ଦେବାଶିଷ ଗୌଡଙ୍କ ସମେତ ବହୁ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲାପାଳ ଅବଦଲ ଏମ୍. ଅଖତର ଧନ୍ୟବାଦ ଦେଇଥିଲେ।

ଜୟପୁର ଦଶହରା ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ଉପସ୍ଥିତ ରହି ପ୍ରକଳ୍ପ ଉପରେ ସୂଚନା ଦେଇଥିଲେ। ଜୟପୁରରେ ୧୧ କୋଟି ଟଙ୍କା ବିନିମୟରେ ୨୮୪ ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଜୟପୁରରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ବିଜେଡି ନେତା ସୁବାସ ରାଉତ, ଜୟପୁର ପୌର ଉପାଧ୍ୟକ୍ଷ ବି. ସୁନିତା, ବ୍ଲକ ମିଶନ ଶକ୍ତି ସଦସ୍ୟ, ବ୍ୟାଙ୍କମିତ୍ର, ଜନ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୨୩ ପଞ୍ଚାୟତର ଉନ୍ନୟନ ନିମନ୍ତେ ୩୨୬ଟି ପ୍ରକଳ୍ପ ପାଇଁ ୧୧ କୋଟି ୫୦ ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା ହୋଇଛି। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ଯ୍ଲୁଲ,ବିଡିଓ ଦୁର୍ଗାପ୍ରସାଦ ଦୋରା, ତହସିଲଦାର ଅନାଦି ଚରଣ ସାହୁ, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ଡାକ୍ତର ଦୁବରାଜ ମୁର୍ମୁ,ଉପାଧ୍ୟକ୍ଷ ଗୋପାଳ ହନ୍ତାଲ, ବିଜେଡି ସଭାପତି କାଶୀନାଥ ଗୋଲରି, ପର୍ଯ୍ୟବେକ୍ଷକ ବାଲା ରାୟ, ଶତାଧିକ ମହିଳା ପୁରୁଷ, ସମସ୍ତ ବିଭାଗର ଅଧିକାରୀ, ଅଙ୍ଗନୱାଡି କର୍ମୀ, ମହିଳା ଗୋଷ୍ଠୀ ସଦସ୍ୟ, ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ରମାନେ ଉପସ୍ଥିତ ଥିଲେ। ଜିଲା ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସୌମ୍ୟ ସାର୍ଥକ ମିଶ୍ର କାର୍ଯ୍ୟକ୍ରମ ତଦାରଖ କରିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଜସକେତନ ବେହେରା, ଜିପିଇଓ ବେଦାନ୍ତ ମାଝି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା, ସରିତା ଓରାମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ମିନି ଷ୍ଟାଡିୟମଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକ ପାଇଁ ୧୨୦ କୋଟି ଟଙ୍କା ବ୍ୟୟରେ ୩ ହଜାର ୮୭ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ବ୍ଲକର ୧୪ଟି ପଞ୍ଚାୟତକୁ ୭କୋଟି ଅନୁଦାନ ପ୍ରଦାନ କରାଯାଇଛି। ଏଥିସହ ସ୍ଥାନୀୟ ଗ୍ରାମଦେବୀ ଗାଙ୍ଗମାଁଙ୍କ ମନ୍ଦିରର ପୁନରୁଦ୍ଧାର ପାଇଁ ଅଧିକ ୩ କୋଟି ମଞ୍ଜୁର ହୋଇଛି। ଏଥିପାଇଁ ପଟ୍ଟାଙ୍ଗି ବିଧାୟକ ପ୍ରିତମ ପାଢୀ କୃତଜ୍ଞତା ଜଣାଇଛନ୍ତି। ଜିଲା ଉଦ୍ୟାନ ବିଭାଗ ଡେପୁଟି ଡାଇରେକ୍ଟର ସୁଧାମ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ବିଡିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଜିଲା ପରିଷଦ ସଭ୍ୟ ଲଇଚନ ଖରାଙ୍କ ସମେତ ୭ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଉକ୍ତ କାର୍ଯ୍ୟକ୍ରମକୁ ନେଇ ବ୍ଲକର ୬ଟି ପଞ୍ଚାୟତର ସରପଞ୍ଚ, ଜୋନ୍-୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ପ୍ରମୁଖ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ପତାକା ଲଗାଇବା ନେଇ ସେମାନେ ପ୍ରଶ୍ନ ଉଠାଇଥିଲେ। ସେହିପରି ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟା ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ।


ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଅତିଥିମାନେ ଦେଖୁଛନ୍ତି।

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କୁନ୍ଦୁରା ବ୍ଲକ ଶାସ୍ତ୍ରୀ ମୈଦାନ୍‌ଠାରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ଏଥିରେ ବ୍ଲକର ୧୬ଟି ପଞ୍ଚାୟତରୁ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, କୋରାପୁଟ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ବ୍ଲକ ପର୍ଯ୍ୟବେକ୍ଷକ ସୂର୍ଯ୍ୟ ନାରାୟଣ ରଥ, କୃଷକ ନେତା ନରେନ୍ଦ୍ର ପ୍ରଧାନ, ବିଧାୟିକା ପ୍ରତିନିଧି ରାମକାନ୍ତ ମିଶ୍ର, ଉପାଧ୍ୟକ୍ଷ ତରଣୀସେନ ବିଶୋୟୀ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ମଲ୍ଲିକ, ଯୁବ ବିଜେଡି ସଭାପତି ବିକ୍ରମ ବେହେରା, ଜିଲା ପରିଷଦ ସଭ୍ୟ କନକ ଲତା ପେଣ୍ଡିଆ, ସରପଞ୍ଚ ଲବ ପରଜା,ବିଡିଓ କପିଳେଶ୍ୱର ତାଣ୍ଡି, ଏବିଡିଓ ରାମ ପ୍ରସାଦ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ପ୍ରକଳ୍ପ ପାଇଁ ପାଖାପାଖି ୩୫ କୋଟି ଟଙ୍କା ମଞ୍ଜୁର ହୋଇଛି। ବୁଦ୍ଧୁ ସାହୁ, ପ୍ରଦୀପ ନାୟକ, ଭଜମନ ସାନ୍ତା ପରିଚାଳନା କରିଥିଲେ।

ନାରାୟଣପାଟଣାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସ୍ଥାନୀୟ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ହୋଇଛି। ଭିଡିଓ କନଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ବ୍ଲକର ୯ଟି ପଞ୍ଚାୟତ ପାଇଁ ୧୨୯ଟି ପ୍ରକଳ୍ପ ଲାଗି ୪କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଘୋଷଣା କରିଛନ୍ତି। ଏଥିସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରର ରୂପାନ୍ତର ପାଇଁ ଚାରିକୋଟି, ଚିନ୍ତାଗୁଡା ଡ୍ୟାମ ପାଇଁ ଶହେ କୋଟି ମଞ୍ଜୁର ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନ ସୂଚନା ଦେଇଛନ୍ତି। ବ୍ଲକରେ ଥିବା ଯୁକ୍ତ ତିନି ଡ଼ିଗ୍ରୀ କଲେଜରେ ଆସନ୍ତା ଶିକ୍ଷାବର୍ଷରୁ ନାମଲେଖା ହେବ ବୋଲି ଘୋଷଣା ହୋଇଛି। ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ଜିଲା ବିଜେଡ଼ି ସଭାପତି ଝିନ ହିକକା, ବିଧାୟକ ପ୍ରତିନିଧି କେ. ଶାୟାରାରୁ, ଜିଲା ପରିଷଦ ସଭ୍ୟ ରାମ୍ଭୋ ଶିରିକା, ବ୍ଲକ ଉପାଧ୍ୟକ୍ଷ ରିନୁ ଦାସ, ସରପଞ୍ଚ ରେବତୀ କୁନ୍ଦାରିଆ, ବିଡ଼ିଓ ପିୟୁଷ ଲୋହର, କୋରାପୁଟ ଏପିଡି ଗଣେଶ୍ୱର କହର, ଅଶୋକ ହୋତାଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

ସେମିଳିଗୁଡା ବ୍ଲକର ଜୀବନ ଜ୍ୟୋତି କନଭେଣ୍ଟ ସ୍କୁଲ ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଭାସୀ ମାଧ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମ ଅବସରରେ ୧୭ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପାଇଁ ୮କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ସିଡିଓ ଗୌରବ ଶିବାଜୀ ଇସଲୱାର, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, କୋ-ଅବଜର୍ଭର ଅମିତ ଅଗ୍ରୱାଲ, ସିଡିପିଓ ବିନୋଦିନୀ ବେହେରା, ଏସଡ଼ିପିଓ ମନୋଜ ବେହେରା, ଆଇଆଇସି ସଚିନ୍ଦ୍ର ପ୍ରଧାନଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ, ମହିଳା ଗୋଷ୍ଠୀ ସଦସ୍ୟା, ସିଆରପି, ଏମବିକେ, ବ୍ୟାଙ୍କ ମିତ୍ରମାନେ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଶିବା ବାଙ୍ଗାରି ବ୍ଲକ ବିଜେଡି ସଭାପତି ରାମ ଅଣ୍ଡାବିରିଆ ବ୍ଲକ ଅଧୀକ୍ଷଣ ଯନ୍ତ୍ରୀ ସୃଷ୍ଟି ସିଂହାସନୀ ମଲ୍ଲିକ, ଜିପିଇଓ କେ. କେଶବ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହର ପ୍ରସାଦ ଦାସ, ବିଏସଏସଓ ଗୌତମ ଗୁମାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଶୁକ୍ରବାର ଆଭାସି ମାଧମରେ କୋରାପୁଟ ଜିଲାରେ ଆରମ୍ଭ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର କିଛି ଝଲକ। ୧- କୁନ୍ଦୁରା, ୨-ନନ୍ଦପୁର, ୩-ନାରାୟଣ ପାଟଣା, ୪-ପଟ୍ଟାଙ୍ଗୀ

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ସେମିଳିଗୁଡ଼ା, ସୁନାବେଡ଼ା, ୧୦।୧୧ (ବାସୁଦେବ ବରାଡ଼/କୃତିବାସ ପ୍ରଧାନ)

ଶୁକ୍ରବାର ସକାଳ ସାଢେ ୭ଟା ବେଳେ ଏକ ସଡକ ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଟି.ତ୍ରିନାଥ (୫୮)। ସେମିଳିଗୁଡ଼ା ଥାନା ଦଳେଇଗୁଡ଼ା ପଞ୍ଚାୟତ ମାଳିଡୋଳିଆମ୍ବ ଗ୍ରାମ ବ୍ରିଜ୍ ନିକଟରେ ସେମିଳିଗୁଡ଼ାଠାରୁ କୁନ୍ଦୁଲି ଅଭିମୁଖେ ଯାଉଥିବା ମାରୁତି ଭ୍ୟାନ (ଓଆର୍ ୦୨ ବିଇ ୭୯୪୯) ସହ ବିପରୀତ ଦିଗରୁ ଆସୁଥିବା ଏକ ଟ୍ୟାଙ୍କର (ଏପି ୩୧ଟିଏଫ-୬୩୯୫) ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଭ୍ୟାନ୍‌ରେ ବସିଥିବା ଟି.ତ୍ରିନାଥ (୫୮) ଓ ତାଙ୍କ ଡ୍ରାଇଭର ଗୁରୁତର ହୋଇଥିଲେ। ସେମିଳିଗୁଡା ଏଏସ୍‌ଆଇ ଦିଗନ୍ତ ପ୍ରଭୁ ସହାୟ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତ୍ରିନାଥଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଡ୍ରାଇଭରଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ପୋଲ ତଳକୁ ବାଇକ୍ ଖସି ୨ ମୃତ

ନନ୍ଦପୁର, ୧୦।୧୧ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ସୀମାନ୍ତ ପାଛଲୁଙ୍ଗ ପଞ୍ଚାୟତ ପୂଜାରିପୁଟ ପୋଲ ନିକଟରେ ଶୁକ୍ରବାର ସକାଳ ୬ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ଏକ ବାଇକ୍ ପୋଲ ତଳକୁ ଖସିପଡିଥିଲା। ଫଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କାମେଶ ଖରା(୨୫) ଓ ନାଗରାଜୁ ଖଡା (୧୮)। କାମେଶଙ୍କ ଘର ତୋଟାଗୁଡା ଗ୍ରାମରେ ହୋଇଥିବା ବେଳେ ନାଗରାଜୁଙ୍କ ଘର ଅଣ୍ଡରଗୁଡ଼ା ଗ୍ରାମରେ ବୋଲି ଜଣାପଡିଛି। ଖବରରୁ ଜଣାପଡିଛି ଏହି ଦୁଇ ଯୁବକ ଅଣ୍ଡରଗୁଡ଼ା ଗ୍ରାମରୁ ସକାଳୁ କୌଣସି କାମରେ ବାଇକ୍(ଏପି୩୧ ଡିଏମ-୨୭୦୬) ଯୋଗେ ପାଡୁଆ ଅଭିମୁଖେ ବାହାରିଥିଲେ। ସକାଳର କୁହୁଡିରେ ରାସ୍ତାଘାଟ ଦେଖାଯାଉ ନ ଥିବାରୁ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କାଦେଇ ଚାଲିଯାଇଥିଲା। ଉଭୟେ ପୋଲ ତଳକୁ ବାଇକ୍ ସହ ଖସି ପଡ଼ିଥିଲେ। ଘଟଣାସ୍ଥଳରେ କାମେଶଙ୍କ ମୃତ୍ୟୁ ହୋଇଥିଲା। ନାଗରାଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ନନ୍ଦପୁର ଓ ପରେ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ମୃତକ କାମେଶଙ୍କ ଦାଦା ଅନନ୍ତ ଖରାଙ୍କ ଏତଲାକ୍ରମେ ପାଡୁଆ ପୋଲିସ ୧୪୩/୨୩ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ଠାବ କରିବା ଲାଗି ଉଦ୍ୟମ କରାଯାଉଛି ବୋଲି ଥାନାଧିକାରୀ ଅଶୋକ ବିଶୋୟୀ କହିଛନ୍ତି।

## ଡମ୍ପର ଜାଳିଦେଲେ ମାଓବାଦୀ

ମାଲକାନଗିରି, ୧୦।୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡାରେ ଶୁକ୍ରବାର ମାଓବାଦୀମାନେ ନିଜର ସ୍ଥିତି ଜାହିର କରିବାକୁ ଯାଇ ଏକ ଡମ୍ପର ଗାଡିରେ ନିଆଁ ଲଗାଇ ଜାଳି ଦେଇଛନ୍ତି ଏହାକୁ ନେଇ ଉକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଦନ୍ତେୱାଡାର କିରନ୍ଦୁଲରେ ଥିବା ୧୪ ନମ୍ବର ଡମ୍ପିଂ ୟାର୍ଡ ଅଞ୍ଚଳରେ କେତେ ଜଣ ସଶସ୍ତ୍ର ମାଓବାଦୀ ପହଞ୍ଚି ଏନଏମଡିସି ପକ୍ଷରୁ କାର୍ଯ୍ୟରେ ନିୟୋଜିତ ଏକ ଡମ୍ପରରେ ନିଆଁ ଲଗାଇ ଦେଇଥିଲେ।

## ଓଡ଼ିଶା ରାଜ୍ୟ ଦର୍ଜି ମହାସଂଘ ପକ୍ଷରୁ ସଭା, ଶୋଭାଯାତ୍ରା

ବୈପାରିଗୁଡ଼ା, ୧୦।୧୧ (କଳ୍ପତରୁ ମହାନ୍ତି)

ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ସହବନ୍ଧିତ ଓଡ଼ିଶା ରାଜ୍ୟ ଦର୍ଜି ମହାସଂଘ ବୈପାରିଗୁଡ଼ା ବ୍ଲକ କମିଟି ପକ୍ଷରୁ ଗୁରୁବାର ଏକ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାସଂଘ ବ୍ଲକ କମିଟି ଉପଦେଷ୍ଟା ସୂର୍ଯ୍ୟନାରାୟଣ ବିଷୋୟୀ ଓ ନାଗେଶ୍ୱର ରାଓ, ସଭାପତି ସୁନାମ ନାୟକ, ଉପସଭାପତି ରଶ୍ମିତା ଡାକୁଆ, ସମ୍ପାଦକ ଅନନ୍ତ ବେହେରା, ସହସମ୍ପାଦିକା କନକଲତା ବରାଡଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ବୈପାରିଗୁଡା ବଜାର ପରିକ୍ରମା କରି ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସଂଘ ପକ୍ଷରୁ କୋରାପୁଟ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଅଣସଂଗଠିତ ଶ୍ରମିକ ପଞ୍ଜୀକୃତ ପ୍ରମାଣପତ୍ର ପାଇଥିବା ଦର୍ଜିଙ୍କୁ ପରିବାର ପ୍ରତିପୋଷଣ ଲାଗି ଏକ ସିଲେଇ ମେଶିନ ଓ କପଡା ଦୋକାନ ଖୋଲିବାକୁ ବିନା ସୁଧରେ ୫ ଲକ୍ଷ ଟଙ୍କା ଋଣ ଯୋଗାଇଦେବା, ଝିଅ ବିବାହ ପାଇଁ ୧ଲକ୍ଷ ଟଙ୍କା ସହାୟତା ଦେବା, ଝିଅଙ୍କ ପାଠପଢ଼ା ସହାୟତା ଦେବା, ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଥିବା ପୋଷାକ ବୈପାରିଗୁଡା ବ୍ଲକ କମିଟି ମାଧ୍ୟମରେ ଦର୍ଜିମାନଙ୍କ ଦ୍ୱାରା ସିଲେଇ କରିବା, ଦର୍ଜିମାନଙ୍କ ବୟସ ୬୦ ବର୍ଷ ହେବା ପରେ ସର୍ବନିମ୍ନ ମାସିକ ଭତ୍ତା ୩ହଜାର ଟଙ୍କା ଯୋଗାଇଦେବା ସହ ଅନ୍ୟାନ୍ୟ ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି। ପରେ ବ୍ଲକ ସଭାପତି ସୁନାମ ନାୟକଙ୍କ ଅଧ୍ୟକ୍ଷତାରେ ଦର୍ଜିମାନଙ୍କ ଏକ ସଭା ହୋଇଥିଲା। ଏଥିରେ ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ଜୟସେନ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦର୍ଜିମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଓ ନ୍ୟାୟ ସଙ୍ଗତ ଦାବି ହାସଲ ପାଇଁ ସଙ୍ଗଠିତ ଭାବେ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ।

## ଝିଅକୁ ବଳାତ୍କାର କରି ବାପା ଗିରଫ

ବାଲିମେଳା, ୧୦।୧୧ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରରେ ଶୁକ୍ରବାର ଏକ ଲଜ୍ୟାଜନକ ଘଟଣା ଘଟିଛି। ବାପା ନିଜ ଝିଅକୁ ବଳାତ୍କାର କରିବା ପରି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ବାଲିମେଳା ଥାନା ଅଞ୍ଚଳର ନିତାଇ ସରକାର(୪୦) ଗତ ୫ ତାରିଖ ରାତିରେ ନିଜ ଝିଅକୁ ବଳାତ୍କାର କରିଥିଲେ। ୮ ତାରିଖରେ ସେ ଘଟଣା ସମ୍ପର୍କରେ କାହାକୁ ନ ଜଣାଇବାକୁ ଝିଅକୁ ଧମକଚମକ ଦେଇଥିଲେ। ନାବାଳିକା ପଡ଼ୋଶୀମାନଙ୍କୁ କହି ସେମାନଙ୍କ ସହାୟତାରେ ଗୁରୁବାର ସନ୍ଧ୍ୟାରେ ଓରକେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୩୧୫/୨୩ରେ ମାମଲା ରୁଜୁ କରି ନିମାଇଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଶୁକ୍ରବାର ଡାକ୍ତରୀ ମାଇନା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ପରେ ନିମାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ୮ ମାସ ତଳେ ପାଟିତୁଣ୍ଡ ହେବାରୁ ଅଭିଯୁକ୍ତଙ୍କ ସ୍ତ୍ରୀ ନିଜ ଛୋଟ ପୁଅକୁ ଧରି ବାପ ଘରକୁ ଚାଲି ଯାଇଛନ୍ତି। ତାଙ୍କର ଜଣେ ଝିଅ ବିବାହ କରିସାରିଥିବା ବେଳେ ୨ଜଣ ଝିଅ ଛାତ୍ରାବାସରେ ରହି ପଢୁଛନ୍ତି।

## ପାଇଖାନା ଟାଙ୍କି ନିକଟରୁ ନବଜାତ ଶିଶୁକନ୍ୟା ଉଦ୍ଧାରକଲେ ଦମ୍ପତି

ନାରାୟଣପାଟଣା, ୧୦।୧୧ (ରାଜକିଶୋର ଜେନା)

ଶିଶୁକନ୍ୟାଟିଏ ପ୍ରତି ମଣିଷର ଚିନ୍ତାଧାରା ଏବେ ମଧ୍ୟ ବଦଳିନାହିଁ। ଶିଶୁକନ୍ୟାଟିଏ ଜନ୍ମ ହେଲେ ତାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। କେଉଁଠି ଶିଶୁକନ୍ୟା ପାଇଁ ମା' ନିର୍ଯାତିତ ହେଉଛି ତ କେଉଁଠି ବାହାର ଦୁନିଆ ଦେଖିବା ପୂର୍ବରୁ ଶିଶୁକନ୍ୟାଟିଏ ଆଖି ବୁଜୁଛି। କେଉଁଠି ଜନ୍ମ ହେବା ପରେ ତାକୁ ଅଳିଆ ଆବର୍ଜନାପୂର୍ଣ୍ଣ ପରିବେଶରେ ଫିଙ୍ଗିଦିଆଯାଉଛି। ଏପରି ଏକ ଘଟଣା କୋରାପୁଟ ଜିଲା ନାରାୟଣପାଟଣା ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକର ଗାରିଆଘାଟ ସାହିର ଧନେଶ୍ୱର ଗରଡାଙ୍କ ବାରିପଟେ ପାଇଖାନା ଟାଙ୍କି ନିକଟରେ କେହି ଜଣେ ନବଜାତ ଶିଶୁକନ୍ୟାଟିଏ ଫିଙ୍ଗି ଦେଇଯାଇଛନ୍ତି। ଶିଶୁ କନ୍ୟାର କାନ୍ଦ ଶୁଣି ସକାଳୁ ଘର ବାରିପଟେ ଥିବା ଅଳିଆ ପାଇଖାନା ଟାଙ୍କି ନିକଟରୁ ସାହିର ଧନେଶ୍ୱର ଗରଡାଙ୍କ ସ୍ତ୍ରୀ ଦସମା ଉଦ୍ଧାର କରିଥିଲେ। ଶିଶୁକନ୍ୟାକୁ ଘରକୁ ନେଇ ଦମ୍ପତି ତାକୁ ଗାଧୋଇ କ୍ଷୀର ପିଆଇଥିଲେ। ନିଜର କୌଣସି ଝିଅ ନ ଥିବା ଏହି ଦମ୍ପତି ଶିଶୁକନ୍ୟାଟିକୁ ଆଗ୍ରହର ସହ ନେଇ ରଖିଥିଲେ। ଏହି ଖବର ସାହି ପଡ଼ିଶାରେ ଚର୍ଚ୍ଚାହେବାରୁ ଶିଶୁକନ୍ୟାକୁ ଦେଖିବାକୁ ତାଙ୍କ ଘରେ ଲୋକଙ୍କ ଭିଡ଼ ଜମିଥିଲା। ଶିଶୁଟିର ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଗରଡା ଦମ୍ପତି ଡାକ୍ତରଖାନା ନେଇଥିଲେ। ପରେ ପୋଲିସ,ଡାକ୍ତର ଓ ମହିଳା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଇନ୍ଦୁମତୀ ପାଣିଗ୍ରାହୀ, ସୁପରଭାଇଜର ଭାଗ୍ୟବତୀ ପଣ୍ଡା, ଥାନା ଅଧିକାରୀ ସୁଷମା କହଁର ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶିଶୁକନ୍ୟାର ସମସ୍ତ ଚିକିତ୍ସା ବ୍ୟବସ୍ଥା କରାଇଲେ। ଡାକ୍ତର ଚିନ୍ମୟ ଯାଦବ, ଦୀପାଞ୍ଜଳି ବାଗ ଶିଶୁକନ୍ୟାର ସମସ୍ତ ଚିକିତ୍ସା କରିବା ସହ ଏହାକୁ ଜିଲା ଶିଶୁ ସୁରକ୍ଷା ବିଭାଗକୁ ହସ୍ତାନ୍ତର କରିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଶିଶୁକନ୍ୟାକୁ ଉଦ୍ଧାର କରିଥିବା ଗରଡା ଦମ୍ପତି ଶିଶୁକନ୍ୟାକୁ କୋଳେଇ ତାକୁ ନୂଆ ଜୀବନ ଦେଇଛନ୍ତି। ସେ କାହାକୁ ଦେବେନାହିଁ ବୋଲି ଡାକ୍ତରଖାନାରେ ଅଡ଼ି ବସିବାରୁ ଅଧିକାରୀମାନେ ତାଙ୍କୁ ବୁଝାଶୁଝା କରିଥିଲେ। ଉକ୍ତ ଦମ୍ପତିଙ୍କ ଏପରି କାର୍ଯ୍ୟ ପାଇଁ ଉଭୟଙ୍କୁ ସବୁ ମହଲରୁ ପ୍ରଶଂସା କରାଯାଇଛି।


ଶିଶୁକନ୍ୟାର ସ୍ୱାସ୍ଥ୍ୟପରୀକ୍ଷା ପାଇଁ ଡାକ୍ତରଖାନାକୁ ଅଣାଯାଇଛି।

## ପାରମ୍ପରିକ କଳା ସଂସ୍କୃତିର କଥା କହିଲା ବ୍ଲକସ୍ତରୀୟ ପରବ

କୋରାପୁଟ/ଲକ୍ଷ୍ମୀପୁର, ୧୦।୧୧ (ଅମିତାଭ ବେହେରା/ ଅନନ୍ତ ନାୟକ)

କୋରାପୁଟସ୍ଥିତ ପୋଲିସ ପଡିଆରେ ଶୁକ୍ରବାର ନାଚ ଗୀତରେ କୋରାପୁଟ ବ୍ଲକସ୍ତରୀୟ ପରବ ଶେଷ ହୋଇଛି। ପୋଲିସ ପଡିଆଠାରେ ପାରମ୍ପରିକ କଳା ସଂସ୍କୃତିର କଥା କହିଛି ଏହି ବ୍ଲକସ୍ତରୀୟ ପରବ। ଗ୍ରାମାଞ୍ଚଳର ପ୍ରତିଭାମାନେ ପ୍ରଦର୍ଶନ କରିଛନ୍ତି ସେମାନଙ୍କ କଳା ନୈପୁଣ୍ୟ। ଏଥିରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଓ ବିଧାୟକ ରଘୁରାମ ପଡ଼ାଲ, ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତସ୍ତରୀୟ ପରବରେ ଯେଉଁ କଳାକାରମାନେ ଭଲ ପ୍ରଦର୍ଶନ କରିଥିଲେ ସେମାନଙ୍କୁ ବ୍ଲକସ୍ତରୀୟ ପରବରେ ସାମିଲ କରାଯାଇଛି। ବ୍ଲକସ୍ତରୀୟ ପରବରେ ଯେଉଁ କଳାକାରମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ମୁଖ୍ୟ ପରବରେ ସୁଯୋଗ ମିଳିବ। ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ପରବର ମୁଖ୍ୟ ଲକ୍ଷ୍ୟ ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ। ଜିଲାର କଳାକାର ମାନେ ପାରମ୍ପରିକ କଳା ସଂସ୍କୃତି ଓ ନାଚ ଗୀତକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇ ପାରିବେ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ବିଡ଼ିଓ ଦେବାଶିଷ ଗୌଡ଼ଙ୍କ ସମେତ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, କାର୍ଯ୍ୟକ୍ରମରେ ସଭା କାର୍ଯ୍ୟ ସରିଯାଇଥିଲେ ମଧ୍ୟ ଜଗନ୍ନାଥଙ୍କ ପାଖରେ ଦୀପ ପ୍ରଜ୍ୱଳନ ହୋଇପାରି ନ ଥିଲା। ଫଳରେ ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜଗନ୍ନାଥପ୍ରେମୀମାନେ କାର୍ଯ୍ୟକର୍ତ୍ତାଙ୍କ ଅବହେଳାକୁ ନିନ୍ଦା କରିଛନ୍ତି।

ଲକ୍ଷ୍ମୀପୁରରେ ବ୍ଲକସ୍ତରୀୟ ପରବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ୧୩ ପଞ୍ଚାୟତର ଜନ ପ୍ରତିନିଧି, ଛାତ୍ରୀଛାତ୍ର ଓ ସାଧାରଣ ଲୋକ ସାମିଲ ହୋଇଥିଲେ। ମା' ମୁଡିଆଲୁମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପରବ ମଞ୍ଚରେ ପହଞ୍ଚିଥିଲା। ଉଦ୍‌ଘାଟନୀ ଉତ୍ସବରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ମୁଖ୍ୟ ଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ବ୍ଲକ ଅଧ୍ୟକ୍ଷା ଶୁଆଇ କୁଲେସିକା, ଉପାଧ୍ୟକ୍ଷା ଆରତି କୁଲଦୀପ, ପୂର୍ବତନ ଏମ୍‌ପି ଝିନ ହିକ୍‌କା, ପୂର୍ବତନ ବିଧାୟକ କୈଳାସ କୁଲେସିକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ପରଦା କୁଲେସିକା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପରବ କୌଣସି ଗୋଷ୍ଠୀ, ଜାତି, ଧର୍ମର ନିର୍ଦ୍ଦିଷ୍ଟ ପର୍ବ ନୁହେଁ। କୋରାପୁଟ ଅଞ୍ଚଳ ନୃତ୍ୟ, ସଙ୍ଗୀତ, କଳା, ଲୋକଗୀତ ପର୍ଯ୍ୟଟନ, ଖେଳକୁଦର ଉନ୍ନତି ଏହାର ଲକ୍ଷ୍ୟ ବୋଲି ଅତିଥିମାନେ କହିଛନ୍ତି। ଏହି ଅବସରରେ ସମସ୍ତ ପଞ୍ଚାୟତ କଳାକାରମାନେ ନୃତ୍ୟ, ସଙ୍ଗୀତ ପ୍ରଦର୍ଶନ କରିଥିଲେ। ଢେମ୍‌ସା ନୃତ୍ୟ ମୁଖ୍ୟ ଆକର୍ଷଣ ଥିଲା। ଏସ୍‌ଡିପିଓ ବିରଞ୍ଚି ନାରାୟଣ ଜଗତ, ଆଇଆଇସି ସୁଜ୍ଞାନୀ ସାହୁଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା ବ୍ୟବସ୍ଥା ହୋଇଥିଲା। ପରବ ପଡ଼ିଆରେ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା।



ଲକ୍ଷ୍ମୀପୁର ପରବ ମଞ୍ଚରେ କଳାକାରମାନେ ଢେମ୍‌ସା ନୃତ୍ୟ ପରିବେଷଣ କରୁଛନ୍ତି।

